ଅନୱାରୀ ବେଗମ୍

ବନାମ

ଶେର୍ ମହମ୍ମଦ ଏବଂ ଅନ୍ୟଜଣେ

ସେପ୍ଟେମ୍ବର 19, 2005

[ଅରିଜିତ ପଶାୟତ ଏବଂ ଅରୁଣ କୁମାର, ନ୍ୟାୟମୂର୍ତ୍ତିଦ୍ୱୟ]

*ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 - ଧାରା 439 - ଜାମିନ -ଆବେଦନ - ଉଚ୍ଚ ନ୍ୟାୟାଳୟ ଦ୍ୱାରା, ସଂକ୍ଷିପ୍ତ ଓ କାରଣ ବିହୀନ ଆଦେଶ ଦ୍ୱାରା ମଞ୍ଜୁର - ସଠିକତା - ନିର୍ଣ୍ଣୟ ହେଲା:ଅବ୍ୟକ୍ତ ଏବଂ କାରଣହୀନ ଆଦେଶ ସ୍ପଷ୍ଟ ଭାବରେ ଅଯୌକ୍ତିକ ଏବଂ ଯଥାର୍ଥ ନୁହେଁ-ଜାମିନ ଆବେଦନଗୁଡ଼ିକ ବିଚାର କରୁଥିବା ନ୍ୟାୟାଳୟ ଗତାନୁଗତିକ ଭାବରେ ନୁହେଁ ବରଂ ବିଚାରବନ୍ତ ଭାବରେ ତାଙ୍କର ବିବେଚନା ପ୍ରୟୋଗ କରିବା ଉଚିତ-ଏଥିରେ ଜାମିନ ପ୍ରଦାନ କରିବାର ପ୍ରଥମ ଦୃଷ୍ଟିଗତ କାରଣ ଉଲ୍ଲେଖ କରାଯିବା ଉଚିତ ଏବଂ ଏପରି କାରଣ ବ୍ୟତିରେକ କୌଣସି ଆଦେଶ ବୁଦ୍ଧିର ପ୍ରୟୋଗ ନକରିବା ଦ୍ୱାରା ପ୍ରଭାବିତ ହେବ - ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଗ୍ରାହ୍ୟ କରି ଜାମିନ ମଞ୍ଜୁରକୁ ବାତିଲ କରିଦିଆଯାଇଛି ।*

**ଉତ୍ତରଦାତା ସଂଖ୍ୟା 1, ମୃତ୍ୟୁ ଘଟାଇବା ଉଦ୍ଦେଶ୍ୟରେ ମୃତ ବ୍ୟକ୍ତିଙ୍କୁ ଗୁଳି ମାରିଥିଲେ ଏବଂ ପରେ ଜାମିନ ଆବେଦନ କରିଥିଲେ । ତଦନ୍ତ ସମୟରେ ଯେଉଁ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଲିପିବଦ୍ଧ କରାଯାଇଥିଲା, ସେମାନଙ୍କ ଦ୍ୱାରା ଉତ୍ତରଦାତା ସଂଖ୍ୟା 1 ସ୍ପଷ୍ଟ ଭାବରେ ସମ୍ପୃକ୍ତ ଥିବାରୁ ବିଚାରଣ ନ୍ୟାୟାଳୟ ଆବେଦନକୁ ଖାରଜ କରିଦେଇଥିଲେ । ତେବେ, ଉଚ୍ଚ ନ୍ୟାୟାଳୟ ଜାମିନ ଆବେଦନକୁ ମଞ୍ଜୁର କରିଥିଲେ । ତେଣୁ ବର୍ତ୍ତମାନର ଏହି ଅପିଲ ।**

**ଅପିଲକୁ ଅନୁମତି ଦେଇ ନ୍ୟାୟାଳୟ**

**ନିର୍ଣ୍ଣୟ କଲେ: 1. ଉଚ୍ଚ ନ୍ୟାୟାଳୟଙ୍କ ଆଦେଶର ସାଧାରଣ ଅନୁଶୀଳନ ସମ୍ପୂର୍ଣ୍ଣ ଅମନୋଯୋଗିତାକୁ ଦର୍ଶାଉଛି । ଉଚ୍ଚ ନ୍ୟାୟାଳୟ ଏକ ଅବ୍ୟକ୍ତ ଏବଂ କରଣବିହୀନ ଆଦେଶ ଦ୍ୱାରା ଉତ୍ତରଦାତାଙ୍କୁ ଜାମିନ ପ୍ରଦାନ କରିଥିଲେ, ଏବଂ ଏହା ସ୍ପଷ୍ଟ ଭାବରେ ଅଯୌକ୍ତିକ ଅଟେ ଏବଂ ଯଥାର୍ଥ ନଥିଲା । ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରାଯାଇଛି ଏବଂ ଉତ୍ତରଦାତା ସଂଖ୍ୟା 1ଙ୍କୁ ଦିଆଯାଇଥିବା ଜାମିନକୁ ଖାରଜ କରାଯାଇଛି ।**

**2.1.** ଜାମିନ ଆବେଦନ ଉପରେ ଆଦେଶ ଦେବା ସମୟରେ ନ୍ୟାୟାଳୟ, ପ୍ରମାଣର ବିସ୍ତୃତ ଯାଞ୍ଚ ଏବଂ ମାମଲାର ଗୁଣବତ୍ତାର ବିସ୍ତୃତ ତଥ୍ୟଭୁକ୍ତ କରିବାକୁ ଏଡାଇ ଦେବେ, ତଥାପି ଜାମିନ ଆବେଦନର ବିଚାର କରୁଥିବା ନ୍ୟାୟାଳୟ ପ୍ରଥମ ଦୃଷ୍ଟିଗତ ମାମଲା ଅଛି କି ନାହିଁ ସେ ବିଷୟରେ ସନ୍ତୁଷ୍ଟ ହେବା ଉଚିତ । ଜାମିନ

**ପାଇଁ ଆବେଦନର ବିଚାର କରୁଥିବା ନ୍ୟାୟାଳୟ ଗତାନୁଗତିକ ଭାବରେ ନୁହେଁ ବରଂ ବିଚାରବନ୍ତ ଭାବରେ ତାଙ୍କର ବିବେଚନା ବ୍ୟବହାର କରିବା ଆବଶ୍ୟକ ।**

**2.2. ଏହି ଆଦେଶରେ, ବିଶେଷ କରି ଯେଉଁଠି ଜଣେ ଅଭିଯୁକ୍ତ ଗୁରୁତର ଅପରାଧ କରିଥିବା ଅଭିଯୋଗ ହୋଇଥିଲା, ସେଠାରେ କାହିଁକି ଜାମିନ ମଞ୍ଜୁର କରାଯାଇଥିଲା, ତାହାର ପ୍ରଥମ ଦୃଷ୍ଟିଗତ ଭାବେ ନିର୍ଦ୍ଧାରଣ କରିବାର କାରଣଗୁଡିକ ଦର୍ଶାଇବାର ଆବଶ୍ୟକତା ରହିଛି । ଜାମିନ ପାଇଁ ଆବେଦନର ବିଚାର କରୁଥିବା ଅଦାଲତଗୁଡ଼ିକ ଜାମିନ ଦେବା ପୂର୍ବରୁ ଅନ୍ୟାନ୍ୟ ପରିସ୍ଥିତି ସହିତ ନିମ୍ନଲିଖିତ କାରଣଗୁଡ଼ିକୁ ମଧ୍ୟ ବିଚାର କରିବା ଆବଶ୍ୟକ, ସେଗୁଡ଼ିକ ହେଲା (1) ଅଭିଯୋଗର ପ୍ରକୃତି ଏବଂ ଦୋଷୀ ସାବ୍ୟସ୍ତ ହେବା କ୍ଷେତ୍ରରେ ଦଣ୍ଡର ଗମ୍ଭୀରତା ଏବଂ ସହାୟକ ପ୍ରମାଣର ପ୍ରକୃତି; (2) ସାକ୍ଷୀଙ୍କୁ ପ୍ରଭାବିତ କରାଯିବାର ଯୁକ୍ତିସଙ୍ଗତ ଆଶଙ୍କା କିମ୍ବା ଅଭିଯୋଗକାରୀଙ୍କୁ ଧମକ ଦିଆଯିବାର ଆଶଙ୍କା; (3) ଅଭିଯୋଗର ସମର୍ଥନରେ ନ୍ୟାୟାଳୟଙ୍କର ପ୍ରଥମ ଦୃଷ୍ଟିଗତ ସନ୍ତୁଷ୍ଟି । ଏପରି କାରଣ ବିନା ଦିଆଯାଇଥିବା କୌଣସି ଆଦେଶ ଅମନଯୋଗର ଅଭାବରୁ ଦୁର୍ବଳ ହୋଇଥାଏ ।**

*ଓମାର ଉସମାନ ଚମଡ଼ିଆ ବନାମ ଅବଦୁଲ ଏବଂ ଅନ୍ୟଜଣେ,* **JT (2004) 2 SC 176;** *ଭି.ଡି. ଚୌଧୁରୀ ବନାମ ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟଜଣେ,* **(2005) 7 SCALE 68;** *ରାମ ଗୋବିନ୍ଦ ଉପାଧ୍ୟାୟ ବନାମ ସୁଦର୍ଶନ ସିଂହ ଏବଂ ଅନ୍ୟମାନେ,* **[2002] 3 SCC 598;** *ପୁରାଣ ଇତ୍ୟାଦି ବନାମ ରାମବିଲାସ ଏବଂ ଅନ୍ୟଜଣେ ଇତ୍ୟାଦି,* **[2001] 6 SCC 338;** *କଲ୍ୟାଣ ଚନ୍ଦ୍ର ସରକାର ବନାମ ରାଜେଶ ରଞ୍ଜନ ଓରଫ ପପ୍ପୁ ଯାଦବ ଏବଂ ଅନ୍ୟଜଣେ,* **JT (2004) 3 SC 442 ଏବଂ** *ଚମନ ଲାଲ ବନାମ ୟୁ.ପି. ରାଜ୍ୟ ଏବଂ ଅନ୍ୟଜଣେ,* **JT (2004) 6 SC 540 ଉପରେ ନିର୍ଭର କରିଥିଲେ ।**

ଫୌଜଦାରୀ ଅପିଲିୟ କ୍ଷେତ୍ରାଧିକାରିତା : ଫୌଜଦାରୀ ଅପିଲ ସଂଖ୍ୟା 1223/2005 ।

Crl. Misc. C. ସଂଖ୍ୟା 1482 of 2002(B)ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର 30.6.2003 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ବି.ଏସ୍. ଜୈନ, ଅଜୟ ବୀର ସିଂ ଜୈନ, ସୁଶ୍ରୀ ଚାରୁୱାଲୀ ଖାନ୍ନା ଏବଂ ଡ. (ଶ୍ରୀମତୀ) ବିପିନ ଗୁପ୍ତା ।

ଉତ୍ତରଦାତାମାନଙ୍କ ପାଇଁ ସୁଶ୍ରୀ ନୀଲମ ସିଂ, ରବି ପ୍ରକାଶ ମେହରୋତ୍ରା ଏବଂ ଆଦେଶ କୁମାର ଗିଲ୍ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ଅରିଜିତ୍ ପଶାୟତ ।** ଅନୁମତି ପ୍ରଦାନ କରାଗଲା ।

ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ, ଲକ୍ଷ୍ନୌ ବିଚାରପୀଠର ଜଣେ ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ପାରିତ ଆକ୍ଷେପିତ ରାୟ ଦ୍ୱାରା ଉତ୍ତରଦାତା ସଂଖ୍ୟା 1 (ଏହା ପରେ 'ଅଭିଯୁକ୍ତ' ଭାବରେ ସୂଚିତ) ଙ୍କୁ ଜାମିନ ମଞ୍ଜୁର ଉପରେ ପ୍ରଶ୍ନ ଉଠାଇ ସୂଚନାଦାତାଙ୍କ ଦ୍ୱାରା ଏହି ଅପିଲ ଆଗତ କରାଯାଇଛି ।

ଅପିଲକାରୀଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ବାସ୍ତବ ସ୍ଥିତି ନିମ୍ନରେ ଦିଆଗଲା:

26.4.2002 ରେ, ଉତ୍ତରଦାତା ସଂଖ୍ୟା 1 ଏବଂ ଅନ୍ୟମାନେ ସେମାନଙ୍କର ସାଧାରଣ ଉଦ୍ଦେଶ୍ୟ ଅନୁଯାୟୀ, ଅପିଲକାରୀଙ୍କ ସ୍ୱାମୀ ଜମାଲୁଦ୍ଦିନଙ୍କୁ (ଏହାପରେ 'ମୃତକ' ବୋଲି ଉଲ୍ଲେଖ କରାଯାଇଛି) ଘେରି ଯାଇଥିଲେ ଯେତେବେଳେ ସେ ଅପିଲକାରୀ ଏବଂ ସେମାନଙ୍କ ଝିଅ ସହିତ ସ୍କୁଟରରେ ଆସୁଥିଲେ । ପୂର୍ବ କିଛି ମାମଲା ଯୋଗୁଁ, ଉତ୍ତରଦାତା ସଂଖ୍ୟା 1-ଅଭିଯୁକ୍ତଙ୍କର ମୃତକଙ୍କ ସହିତ ଶତ୍ରୁତା ଥିଲା ଏବଂ ତାଙ୍କ ମୃତ୍ୟୁ ଘଟାଇବା ଉଦ୍ଦେଶ୍ୟରେ ଉତ୍ତରଦାତା ସଂଖ୍ୟା 1- ଅଭିଯୁକ୍ତ ଧାରଣ କରିଥିବା ଡବଲ ବ୍ୟାରେଲ ବନ୍ଧୁକରୁ ମୃତକଙ୍କ ଉପରକୁ  ଗୁଳି ଚଳାଇଥିଲା । ଅନ୍ୟମାନେ ମଧ୍ୟ ଏହି ଆକ୍ରମଣରେ ଅଂଶଗ୍ରହଣ କରିଥିଲେ । ସୂଚନାଦାତା ଏବଂ ତାଙ୍କ ଝିଅ ସାହାଯ୍ୟ ପାଇଁ ଚିତ୍କାର କରିବାକୁ ଲାଗିଲେ, ଯାହା ଶୁଣି ସହ-ଗ୍ରାମବାସୀମାନେ ଘଟଣାସ୍ଥଳକୁ ଆସିଥିଲେ । ଉତ୍ତରଦାତା ସଂଖ୍ୟା 1 ଏବଂ ଅନ୍ୟମାନେ ପଳାଇ ଯାଇଥିଲେ କିନ୍ତୁ ସେମାନେ ତଥାପି ଗୁଳି ଚଳାଉଥିଲେ ଏବଂ ମୃତକଙ୍କ ସମଗ୍ର ପରିବାରକୁ ନିଶ୍ଚିହ୍ନ କରିଦେବାକୁ ଧମକ ଦେଇଥିଲେ । ସନ୍ଧ୍ୟା ପ୍ରାୟ 6 ଟାରେ ଏହି ଘଟଣା ଘଟିଥିଲା ଏବଂ ଏହାର ତୁରନ୍ତ ପରେ ଏତଲା ଦାଖଲ କରାଯାଇଥିଲା । ଉତ୍ତରଦାତା ସଂଖ୍ୟା 1 ଏବଂ ଅନ୍ୟମାନେ ବିଚାରଣ ନ୍ୟାୟାଳୟରେ ଜାମିନ ପାଇଁ ଆବେଦନ କରିଥିଲେ । ଘଟଣାଟି ପ୍ରତ୍ୟକ୍ଷଦର୍ଶୀଙ୍କ ଦ୍ୱାରା ଦେଖାଯାଇଥିଲା ଏବଂ ତଦନ୍ତ ସମୟରେ ଲିପିବଦ୍ଧ ହୋଇଥିବା ସେମାନଙ୍କର ବୟାନ ସ୍ପଷ୍ଟ ଭାବରେ ଉତ୍ତରଦାତା ସଂଖ୍ୟା 1 କୁ ସଂଶ୍ଲିଷ୍ଟ କରିଥିଲା ବୋଲି ତଥ୍ୟକୁ ଧ୍ୟାନରେ ରଖି ବିଦ୍ୱାନ ଅତିରିକ୍ତ ଦୌରା ବିଚାରପତି, ସୁଲତାନପୁର ଆବେଦନକୁ ଖାରଜ କରିଦେଇଥିଲେ । ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 (ସଂକ୍ଷେପରେ 'ସଂହିତା')ର ଧାରା 439 ଅନୁଯାୟୀ ଜାମିନ ପାଇଁ ଏକ ଆବେଦନ ଉଚ୍ଚ ନ୍ୟାୟାଳୟରେ ଉତ୍ତରଦାତା ସଂଖ୍ୟା 1 ଦ୍ୱାରା ଦାୟର କରାଯାଇଥିଲା । ଆକ୍ଷେପିତ ଆଦେଶ ଅନୁଯାୟୀ, ଜାମିନ ପାଇଁ ଅନୁରୋଧକୁ ଗ୍ରହଣ କରାଯାଇଛି ।

ଅପିଲକାରୀଙ୍କ ବିଜ୍ଞ ଓକିଲଙ୍କ ଅନୁଯାୟୀ, ତଦନ୍ତ ସମୟରେ ଯେଉଁ ବ୍ୟକ୍ତିଙ୍କ ବୟାନ ଲିପିବଦ୍ଧ କରାଯାଇଥିଲା ସେମାନଙ୍କ ଦ୍ୱାରା ଉତ୍ତରଦାତା ସଂଖ୍ୟା 1 ସ୍ପଷ୍ଟ ଭାବରେ ସମ୍ପୃକ୍ତ ଥିଲେ ବୋଲି ତଥ୍ୟ ସତ୍ତ୍ୱେ ଜାମିନ ପାଇଁ ଅନୁରୋଧ କାହିଁକି ଗ୍ରହଣ କରାଗଲା ସେ ବିଷୟରେ ଉଚ୍ଚ ନ୍ୟାୟାଳୟ କୌଣସି କାରଣ ଦର୍ଶାଇ ନାହାନ୍ତି । ଉତ୍ତରଦାତା ସଂଖ୍ୟା 1 ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ ଏବଂ ତାଙ୍କ ବିରୋଧରେ ଥିବା ଅଭିଯୋଗ ସ୍ପଷ୍ଟ ଭାବେ ଆସୁଥିଲା । ବିଚାରଣ ନ୍ୟାୟାଳୟ ବାସ୍ତବ ସ୍ଥିତିକୁ ବିସ୍ତୃତ ଭାବରେ ବିଶ୍ଳେଷଣ କରିଥିଲେ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ବିବୃତିକୁ ଦୃଷ୍ଟିରେ ରଖି, ଯିଏ ସ୍ପଷ୍ଟ ଭାବରେ ଉତ୍ତରଦାତା ସଂଖ୍ୟା 1 କୁ ଜଡିତ କରିଥିଲେ, ଜାମିନ ପାଇଁ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ । ସୂଚନା ଜାରି ସତ୍ତ୍ୱେ ଉତ୍ତରଦାତା ସଂଖ୍ୟା 1 ଙ୍କ ତରଫରୁ କୌଣସି

ଉପସ୍ଥିତି ନାହିଁ । ରାଜ୍ୟ-ଉତ୍ତରଦାତା ସଂଖ୍ୟା 2 ପାଇଁ ହାଜର ହୋଇଥିବା ବିଜ୍ଞ ଓକିଲ ଅପିଲକାରୀଙ୍କ ଆଭିମୁଖ୍ୟକୁ ସମର୍ଥନ କରିଥିଲେ ଏବଂ ଉପସ୍ଥାପନ କରିଥିଲେ ଯେ ଏହା ଏପରି ଏକ ମାମଲା ନୁହେଁ ଯେଉଁଠାରେ ଜାମିନ ମଞ୍ଜୁର କରାଯିବ । ଏହା ଦର୍ଶାଯାଇଛି ଯେ ଉତ୍ତରଦାତା ସଂଖ୍ୟା 1 ଘୃଣ୍ୟ ଅପରାଧ ସହିତ ଜଡିତ ଅନେକ ମାମଲାରେ ସଂଶ୍ଲିଷ୍ଟ ଏବଂ ଏପରିକି ଗୁଣ୍ଡା ଅଧିନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି ।

ଆମେ ଦେଖୁଛୁ ଯେ ଉଚ୍ଚ ନ୍ୟାୟାଳୟ ବିନା କୌଣସି କାରଣ ଦର୍ଶାଇ ଏବଂ ଅତ୍ୟନ୍ତ ଅସ୍ପଷ୍ଟ ଢଙ୍ଗରେ ଜାମିନ ଆବେଦନକୁ ଫଇସଲା କରିଥିଲେ । ସମ୍ପୂର୍ଣ୍ଣ ଆଦେଶଟି ନିମ୍ନରେ ଦିଆଗଲା:

> "ପକ୍ଷମାନଙ୍କ ପାଇଁ ବିଜ୍ଞ ଓକିଲଙ୍କୁ ଶୁଣିଲୁ ।
>
> ସାମଗ୍ରିକ ତଥ୍ୟ ଏବଂ ପରିସ୍ଥିତିକୁ ବିଚାର କରି, ମୁଁ ଏହା ଜାମିନ ପାଇଁ ଏକ ଉପଯୁକ୍ତ ମାମଲା ବୋଲି ମନେ କରୁଛି, ଆବେଦନକାରୀ ଶେର ମହମ୍ମଦଙ୍କୁ ଅପରାଧ ସଂଖ୍ୟା 149/2002ରେ ଆଇ.ପି.ସି. ର ଧାରା 147/148/149/504/302 ପିଏସ୍. ଆମେଥି, ଜିଲ୍ଲା ସୁଲତାନପୁରରେ ଜାମିନରେ ଛଡାଯାଉ ଏବଂ ସୁଲତାନପୁରର ସିଜେଏମଙ୍କ ସନ୍ତୁଷ୍ଟି ଅନୁଯାୟୀ 5,000 ଟଙ୍କା (ପାଞ୍ଚ ହଜାର ଟଙ୍କା ମାତ୍ର)ର ବ୍ୟକ୍ତିଗତ ମୁଚାଲିକା ଏବଂ ସମାନ ପରିମାଣର ଦୁଇଟି ଜାମିନଦାର ପ୍ରଦାନ କରାଯାଉ, ଏହି ସର୍ତ୍ତରେ ଯେ ସେ ପ୍ରତି ସପ୍ତାହରେ ଥରେ ପି.ଏସ୍. ଆମେଥି, ଜିଲ୍ଲା ସୁଲତାନପୁରରେ ହାଜର ହେବେ ।"

ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଦର୍ଶାଏ ଯେ ଭାରତୀୟ ଦଣ୍ଡ ସଂହିତା, 1860 (ସଂକ୍ଷେପରେ 'ଆଇପିସି')ର ଧାରା 147/148/149/504/302 ଅନୁଯାୟୀ ଦଣ୍ଡନୀୟ ଅପରାଧ ଘଟାଇବାର ଅଭିଯୋଗ ଅଛି ।

ଏହି ସମୟରେ, *ଓମାର ଉସମାନ ଚମାଡିଆ ବନାମ ଅବଦୁଲ ଏବଂ ଅନ୍ୟଜଣେ*, JT (2004) 2 SC176 ରେ ଏହି ନ୍ୟାୟାଳୟର ଏକ ନିଷ୍ପତ୍ତିକୁ ଧ୍ୟାନ ଦେବା ଉପଯୁକ୍ତ ହେବ । ଅନୁଚ୍ଛେଦ 10 ରେ, ଏହା ନିମ୍ନମତେ ଲକ୍ଷ୍ୟ କରାଯାଇଥିଲା:

> “ତଥାପି, ଉପସଂହାର ପୂର୍ବରୁ, ଆମକୁ ଏହି ମାମଲାର ଅନ୍ୟ ଏକ ଦିଗକୁ ଜଣାଇବାକୁ ପଡିବ ଯାହା ଆମକୁ କିଛି ଚିନ୍ତାରେ ପକାଇଛି । ନିକଟ ଅତୀତରେ, ଆମେ ଅନେକ ଥର ଲକ୍ଷ୍ୟ କରିଛୁ ଯେ ଉଚ୍ଚ ନ୍ୟାୟାଳୟଗୁଡ଼ିକ ଫୌଜଦାରୀ କାର୍ଯ୍ୟ ପ୍ରକ୍ରିୟାରେ ଓକିଲଙ୍କ ଦ୍ୱାରା ଦର୍ଶାଯାଇଥିବା କୋହଳତାକୁ ଲିପିବଦ୍ଧ କରି ନିମ୍ନ ଅଦାଲତଗୁଡ଼ିକର ଆଦେଶକୁ ଓଲଟାଇ ଦେଇଥିବା ଆଦେଶରେ ମଧ୍ୟ କୌଣସି କାରଣ ଦର୍ଶାଇବାରୁ ନିବୃତ୍ତ ରହନ୍ତି । ଆମ ମତରେ, ଯଦି ଏପରି ଆଦେଶଗୁଡ଼ିକ ଅପିଲଯୋଗ୍ୟ, ତେବେ ଏହା ଠିକ୍ ନୁହେଁ, ଏହା ପକ୍ଷମାନଙ୍କ ତରଫରୁ ଉପସ୍ଥିତ ବିଜ୍ଞ ଓକିଲଙ୍କ

ଦ୍ୱାରା ଦର୍ଶାଯାଇଥିବା କୋହଳତା ଆଧାରରେ ହେଉ କିମ୍ବା ବିସ୍ତୃତ କାରଣ ଦର୍ଶାଇବା ନିମ୍ନ ଅଦାଲତମାନଙ୍କ ସମ୍ମୁଖରେ ଭବିଷ୍ୟତର ବିଚାରକୁ ପ୍ରଭାବିତ କରିପାରେ ବୋଲି ଆଧାରରେ ହେଉ । ଉଚ୍ଚ ନ୍ୟାୟାଳୟ, ଯଦି କୌଣସି କାରଣ ପାଇଁ ସେମାନଙ୍କର ଆଦେଶ କେଉଁ ଆଧାରରେ ଆଧାରିତ ତାହା ଦର୍ଶାଇବାରୁ ନିବୃତ୍ତ ନ ହୁଅନ୍ତି, ତେବେ ଏହା କରିବା ଉଚିତ୍ ନୁହେଁ କାରଣ ଯେତେବେଳେ ମାମଲାଗୁଡ଼ିକ ଅପିଲରେ ଆଗତ ହୁଏ, ସେତେବେଳେ ଅପିଲ୍ ନ୍ୟାୟାଳୟର ଜାଣିବାର ସମସ୍ତ କାରଣ ଅଛି ଯେ କେଉଁ ଆଧାରରେ ଆକ୍ଷେପିତ ଆଦେଶ ଦିଆଯାଇଛି । ହୁଏତ ନିମ୍ନ ଅଦାଲତର ଆଦେଶ ସହିତ ସହମତ ହେବା ସମୟରେ, ଉକ୍ତ ଅପିଲ ନ୍ୟାୟାଳୟ ପାଇଁ କାରଣ ଦର୍ଶାଇବା ଆବଶ୍ୟକ ନ ହୋଇପାରେ କିନ୍ତୁ ନିମ୍ନ ଅଦାଲତର ଏପରି ଆଦେଶକୁ ଓଲଟାଇଦେବା ସମୟରେ ତାହା  ନୁହେଁ । ଉକ୍ତ ନ୍ୟାୟାଳୟ ପାଇଁ କାରଣ କିମ୍ବା ଆଧାର ଉଲ୍ଲେଖ ନକରି ଆଦେଶ ପାରିତ କରିବା ସୁବିଧାଜନକ ହୋଇପାରେ କିନ୍ତୁ ଏପରି ଆକ୍ଷେପିତ ଆଦେଶଗୁଡ଼ିକର ସଠିକତା ବିଚାର କରିବା ସମୟରେ ଏହା ନିଶ୍ଚିତ ଭାବରେ ଅପିଲ୍ ନ୍ୟାୟାଳୟ ପାଇଁ ସୁବିଧାଜନକ ନୁହେଁ । କାରଣଗୁଡ଼ିକ ବହୁତ ବିସ୍ତୃତ କିମ୍ବା ପୁଙ୍ଖାନୁପୁଙ୍ଖ ହେବା ଆବଶ୍ୟକ ନୁହେଁ, ନଚେତ୍ ଏହା ପକ୍ଷମାନଙ୍କ ମାମଲା ପ୍ରତି ପ୍ରତିକୂଳ ପ୍ରଭାବ ସୃଷ୍ଟି କରିପାରେ, କିନ୍ତୁ ଆକ୍ଷେପିତ ଆଦେଶ ପାରିତ କରିବା ପାଇଁ ଯୁକ୍ତି ପ୍ରକ୍ରିୟାକୁ ଯଥେଷ୍ଟ ଭାବରେ ସୂଚିତ କରିବା ଆବଶ୍ୟକ । ଏକ ଯୁକ୍ତିଯୁକ୍ତ ଆଦେଶ ପ୍ରଦାନ କରିବାର ଆବଶ୍ୟକତା ହେଉଛି ଆଇନର ଏକ ଆବଶ୍ୟକତା ଯାହା ସମସ୍ତ ଅପିଲଯୋଗ୍ୟ ଆଦେଶରେ ପାଳନ କରିବାକୁ ପଡିବ । ଏହି ନ୍ୟାୟାଳୟ କିଛିଟା ସମାନ ପରିସ୍ଥିତିରେ *ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ ବନାମ ଜଗଦେବ ସିଂହ ତଲୱାଣ୍ଡି,* AIR (1984) SC 444 ମାମଲାରେ କାରଣବିହୀନ ଆଦେଶର ଅଭ୍ୟାସକୁ ନିନ୍ଦା କରିଛନ୍ତି ।

ଏହି ଦିଗଗୁଡ଼ିକ ସମ୍ପ୍ରତି *ଭି.ଡି. ଚୌଧୁରୀ ବନାମ ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟଜଣେ,* (2005) 7 SCALE 68 ରେ ଆଲୋକପାତ କରାଯାଇଥିଲା ।

ଏପରିକି ଏକ ସଂକ୍ଷିପ୍ତ ଅନୁଧ୍ୟାନରେ ମଧ୍ୟ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବିବେକର ସମ୍ପୂର୍ଣ୍ଣ ଅଣ-ପ୍ରୟୋଗକୁ ଦର୍ଶାଏ । ଯଦିଓ ଜାମିନ ଆବେଦନ ଉପରେ ଆଦେଶ ପାରିତ କରିବା ସମୟରେ ପ୍ରମାଣର ବିସ୍ତୃତ ଯାଞ୍ଚ ଏବଂ ମାମଲାର ଗୁଣବତ୍ତା ବିଷୟରେ ବିସ୍ତୃତ ତଥ୍ୟଭୁକ୍ତ କରିବା ଅଦାଲତ ଦ୍ୱାରା ଏଡ଼ାଇବାକୁ ପଡିବ, ତଥାପି ଜାମିନ ଆବେଦନ ଉପରେ ବିଚାର କରୁଥିବା ଏକ ନ୍ୟାୟାଳୟ ସନ୍ତୁଷ୍ଟ ହେବା ଉଚିତ ଯେ ଏକ ପ୍ରଥମ ଦୃଷ୍ଟିଗତ ମାମଲା ଅଛି କି ନାହିଁ, କିନ୍ତୁ ମାମଲାର ଗୁଣବତ୍ତା ବିଷୟରେ ସମ୍ପୂର୍ଣ୍ଣ ଅନୁସନ୍ଧାନ ଆବଶ୍ୟକ ନୁହେଁ । ଜାମିନ ଆବେଦନ ଉପରେ ବିଚାର କରୁଥିବା ଅଦାଲତ ନିଶ୍ଚିତ ଭାବେ ନୁହେଁ, ବରଂ ନ୍ୟାୟସଙ୍ଗତ ଢଙ୍ଗରେ ନିଜ ବିବେଚନାର ଉପଯୋଗ କରିବା ଆବଶ୍ୟକ ।

ବିଶେଷକରି ଯେତେବେଳେ ଅଭିଯୁକ୍ତଙ୍କ ଉପରେ ଗୁରୁତର ଅପରାଧ କରିଥିବାର ଅଭିଯୋଗ ରହିଥାଏ, ସେତେବେଳେ ଜାମିନ କାହିଁକି ମଞ୍ଜୁର କରାଯାଇଥିଲା ତାହାର ପ୍ରଥମଦୃଷ୍ଟିଗତ କାରଣଗୁଡ଼ିକୁ ଆଦେଶରେ ଉଲ୍ଲେଖ କରିବା ଆବଶ୍ୟକ ରହିଛି । ଜାମିନ ପାଇଁ ଆବେଦନର ବିଚାର କରୁଥିବା ଅଦାଲତଗୁଡ଼ିକ ଜାମିନ ଦେବା ପୂର୍ବରୁ ଅନ୍ୟାନ୍ୟ ପରିସ୍ଥିତି ସହିତ ନିମ୍ନଲିଖିତ କାରଣଗୁଡ଼ିକୁ ମଧ୍ୟ ବିଚାର କରିବା ଆବଶ୍ୟକ, ସେଗୁଡ଼ିକ ହେଉଛି:

1. ଅଭିଯୋଗର ପ୍ରକୃତି ଏବଂ ଦୋଷୀ ସାବ୍ୟସ୍ତ କ୍ଷେତ୍ରରେ ଦଣ୍ଡର ଗମ୍ଭୀରତା ଏବଂ ସହାୟକ ପ୍ରମାଣର ପ୍ରକୃତି;

2. ସାକ୍ଷୀଙ୍କୁ ପ୍ରଭାବିତ କରାଯିବାର ଯୁକ୍ତିସଙ୍ଗତ ଆଶଙ୍କା କିମ୍ବା ଅଭିଯୋଗକାରୀଙ୍କୁ ଧମକ ଦିଆଯିବାର ଆଶଙ୍କା;

3. ଅଭିଯୋଗର ସମର୍ଥନରେ ନ୍ୟାୟାଳୟଙ୍କର ପ୍ରଥମ ଦୃଷ୍ଟିଗତ ସନ୍ତୁଷ୍ଟି ।

*ରାମ ଗୋବିନ୍ଦ ଉପାଧ୍ୟାୟ ବନାମ ସୁଦର୍ଶନ ସିଂ ଏବଂ ଅନ୍ୟମାନେ*, [2002] 3 SCC 598, *ପୁରନ୍ ଇତ୍ୟାଦି ବନାମ ରାମବିଲାସ ଏବଂ ଅନ୍ୟଜଣେ ଇତ୍ୟାଦି*, [2001] 6 SCC 338 ଏବଂ *କଲ୍ୟାଣ ଚନ୍ଦ୍ର ସରକାର ବନାମ ରାଜେଶ ରଞ୍ଜନ ଓରଫ ପପ୍ପୁ ଯାଦବ ଏବଂ ଅନ୍ୟଜଣେ*, JT (2004) 3 SC 442 ରେ ଏହି ଅଦାଲତ ଦ୍ୱାରା ଉଲ୍ଲେଖ କରାଯାଇଥିବା ପରି ଏପରି କାରଣ ବିନା ଦିଆଯାଇଥିବା କୌଣସି ଆଦେଶ ଅମନଯୋଗର ଅଭାବରୁ ବ୍ୟର୍ଥ ହୁଏ ।

*ଚମନ ଲାଲ ବନାମ ୟୁ.ପି. ରାଜ୍ୟ ଏବଂ ଅନ୍ୟଜଣେ*, JT (2004) 6 SC 540 ମାମଲାରେ ଉପରୋକ୍ତ ସ୍ଥିତି ଉପରେ ଏହି ନ୍ୟାୟାଳୟ ଆଲୋକପାତ କରିଥିଲେ ।

ଉପରୋକ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖିଲେ, ଉଚ୍ଚ ନ୍ୟାୟାଳୟଙ୍କ ଅସ୍ୱଷ୍ଟ ଏବଂ କାରଣବିହୀନ ଆଦେଶ ସ୍ୱଷ୍ଟଭାବେ ଅସମର୍ଥନୀୟ ଅଟେ ।

ଅନିବାର୍ଯ୍ୟ ନିଷ୍କର୍ଷ ହେଉଛି ଯେ ଏକ କାରଣବିହୀନ ଏବଂ ଯୁକ୍ତିହୀନ ଆଦେଶ ଦ୍ୱାରା ଉତ୍ତରଦାତାଙ୍କୁ ଜାମିନ ପ୍ରଦାନ କରିବା ଯୁକ୍ତିଯୁକ୍ତ ନଥିଲା । ତେଣୁ ଆମେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରିଛୁ । ଉତ୍ତରଦାତା ସଂଖ୍ୟା 1 କୁ ଦିଆଯାଇଥିବା ଜାମିନ ଖାରଜ ହୋଇଛି । ଉତ୍ତରଦାତା ସଂଖ୍ୟା 1 ତୁରନ୍ତ ହାଜତକୁ ଆତ୍ମସମର୍ପଣ କରିବେ ।

ତଦନୁସାରେ, ଅପିଲକୁ ଅନୁମତି ଦିଆଯାଇଛି ।

ବି.ଏନ୍.ଜେ ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।